## ସଂକ୍ଷେପରେ

### ବନ୍ଦ ସଫଳ ପାଇଁ ଆହ୍ୱାନ

**ଭଞ୍ଜନଗର,୭।୧(ଡି.ଏନ.ଏ):** ବିଭିନ୍ନ ଦାବିନେଇ ୧୦ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଏବଂ ୫ ସ୍ୱାଧୀନ ଫେଡ଼େରେସନ ବୁଧବାର ଭାରତ ବନ୍ଦ ଡ଼ାକରା ଦେଇଛନ୍ତି। ଏହାର ପ୍ରଭାବ ଭଞ୍ଜନଗରରେ ମଧ୍ୟ ପଡ଼ିବ। ବନ୍ଦ କିଭଳି ସଫଳ ହେବ ସେନେଇ ମଙ୍ଗଳବାର ଭଞ୍ଜନଗରର ବିଭିନ୍ନ ଟ୍ରେଡ ୟୁନିୟନର କର୍ମକର୍ତ୍ତାମାନେ ଏକାଠି ହୋଇ ଆଲୋଚନା କରିଛନ୍ତି। ଏଥିସହ ବନ୍ଦକୁ ସଫଳ କରିବା ପାଇଁ ସହରବାସୀଙ୍କୁ ଆହ୍ୱାନ କରିଛନ୍ତି। ବୈଠକରେ ଗ୍ରାମୀଣ ଡ଼ାକ ସେବକ ସଂଘର ରାଜ୍ୟ ସଭାପତି ହରିକୃଷ୍ଣ ସାହୁ, ଟେଲିକମ୍‌ର ଠିକା କର୍ମଚାରୀ ସଂଘର ନେତା ମୋହନ ଗୌଡ଼, ଜୀବନ ବୀମା କର୍ମଚାରୀ ସଂଘ ସମ୍ପାଦକ ରଘୁନାଥ ବେହେରା, ରଞ୍ଜନ ଜେନା, ରାମଚନ୍ଦ୍ର ନାଇକ, ସନ୍ୟାସି ପଣ୍ଡା, କିଶାନ କୁମାର ପାତ୍ର, ସଞ୍ଜୟ ବେହେରା, ଗୋପାଳକୃଷ୍ଣ ପଟ୍ଟନାୟକ, ଶୁକଦେବ ବାଡ଼ତ୍ୟା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

### ୧୪ରେ ସୁରଟରେ କୁର୍ମୀ କ୍ଷତ୍ରିୟ ସମାଜ ବୈଠକ

**ଭଞ୍ଜନଗର,୭।୧(ଡି.ଏନ.ଏ):** ଆସନ୍ତା ୧୪ରେ ସୁରଟରେ କୁର୍ମୀ କ୍ଷତ୍ରିୟ ସମାଜର ଏକ ମହା ସମ୍ମିଳନୀ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସୁରାଟ ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୁରାଟରେ ଥିବା ଜାତିର ଲୋକଙ୍କୁ ଏକାଠି କରି ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଛି। ଶିବରାମ ନାୟକ, ପ୍ରଶାନ୍ତ ଆରୁଖ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ସୁନାଦେଇରେ ଫସଲ ନଷ୍ଟ କଲେ ହାତୀ

**କନିଷି,୭।୧(ଡି.ଏନ.ଏ.):** ରଙ୍ଗେଇଲୁଣ୍ଡା ବ୍ଲକ ସୁନାଦେଇ, ପଞ୍ଚମା ଓ ଆଖପାଖ ଗ୍ରାମାଞ୍ଚଳରେ ଦୁଇଦିନ ହେଲା ବଣୁଆ ହାତୀ ବିଲରେ ପଶି ଶହ ଶହ ଏକର ଧାନ ଖାଇ ନଷ୍ଟ କରୁଛନ୍ତି। ଏଥିପାଇଁ ଗ୍ରାମବାସୀ ରାତି ସାରା ଫସଲ ଜଗି ରହୁଛନ୍ତି। କିନ୍ତୁ ହାତୀ ପଲକୁ ଘଉଡ଼ାଇବାକୁ ଚେଷ୍ଟା କରି ବିଫଳ ହେବା ପରେ ଗ୍ରାମବାସୀ ବନ ବିଭାଗଙ୍କୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ଆସି ହାତୀପଲକୁ ଘଉଡ଼ାଇବାକୁ ଉଦ୍ୟମ କରୁଛନ୍ତି।

### ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

**ଫିରିଙ୍ଗିଆ, ୭।୧:** ଫିରିଙ୍ଗିଆ କୃଷି ସମବାୟ ସମିତି ପ୍ରାଙ୍ଗଣରେ ମଙ୍ଗଳବାର ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ବିଡିଓ ରଶ୍ମିରଞ୍ଜନ ମହନ୍ତ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ଲାଲନନ୍ଦ ପ୍ରଧାନ, ତହସିଲଦାର ପୁନମ ରାଉତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସରକାରଙ୍କ ମିଲେଟ ମିଶନ କାର୍ଯ୍ୟକ୍ରମ ମାଧମରେ ଚଳିତ ଖରିଫ ଋତୁରେ ବ୍ଲକରେ ମାଣ୍ଡିଆ ଚାଷ କରାଯାଇଛି। ଉତ୍ପାଦିତ ମାଣ୍ଡିଆ ଏହି ମଣ୍ଡିରେ କ୍ରୟ କରାଯିବ। ମାଣ୍ଡିଆର ମୂଲ୍ୟ କି.ଗ୍ରା. ପିଛା ଦର ୩୧ଟଙ୍କା ୫୦ ପଇସା ଧାର୍ଯ୍ୟ କରାଯାଇଛି। ମଙ୍ଗଳବାର ପ୍ରଥମ ଦିନରେ ୩୧ ଜଣ ଚାଷୀ ମାଣ୍ଡିଆ ବିକ୍ରି କରିଥିଲେ। ଫିରିଙ୍ଗିଆ ଭଳି ଗୋଚ୍ଛାପଡା ସମବାୟ ସମିତିରେ ମଧ ମଣ୍ଡି ଖୋଲାଯାଇଛି। ବ୍ଲକ କୃଷି ଅଧିକାରୀ ସବ୍ୟସାଚୀ ଦାସ କାର୍ଯ୍ୟକ୍ରମ ପରିଚାଳନା ଏବଂ ଉମାକାନ୍ତ ବଳନ୍ତରାୟ ସହଯୋଗ କରିଥିଲେ।

## ଜନସ୍ୱାସ୍ଥ୍ୟ ବିଭାଗର ମନମୁଖି କାର୍ଯ୍ୟ

# ଦୁଇ ଦିନ ହେଲା ସହରକୁ ଜଳଯୋଗାଣ ବନ୍ଦ



ଖରାପ ହୋଇଥିବା ମୋଟର।

**ଫୁଲବାଣୀ ଅଫିସ, ୭।୧**

ଫୁଲବାଣୀ ସହରରେ ଦୁଇ ଦିନ ହେଲା ଜନସ୍ୱାସ୍ଥ୍ୟ ଉପବିଭାଗ ପକ୍ଷରୁ ଜଳ ଯୋଗାଣ ହେଉ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ନଦୀରୁ ପାଣି ଉଠିବା ପାଇଁ ପମ୍ପ ହାଉସରେ ଥିବା ଦୁଇଟି ମୋଟରରୁ ଗୋଟିଏ ଖରାପ ହେବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି। ବାରମ୍ବାର ଏଭଳି ସମସ୍ୟା ଦେଖାଦେଉଥିବାରୁ ଜନ ଅସନ୍ତୋଷ ବଢୁଛି। ପ୍ରକଳ୍ପ ହେବାର ୩ ବର୍ଷ ମଧ୍ୟରେ ବହୁବାର ମୋଟର ଖରାପ ହୋଇଛି। ଅନ୍ୟପଟେ ମୋଟରରେ ସମସ୍ୟା ଦେଖାଦେଲେ ତୁରନ୍ତ ନ ସଜାଡ଼ି ସମ୍ପୂର୍ଣ୍ଣ ଅଚଳ ହେବା ପରେ କାମ କରିବାକୁ ୩/୪ ଦିନ ଲଗାଇ ଦେଉଛନ୍ତି।

ଫୁଲବାଣୀକୁ ପାଣି ଯୋଗାଇବା ପାଇଁ ଜିରିଙ୍ଗିପଡା ପାଖରେ ୨୦୧୬ ଅକ୍ଟୋବର ୬ରେ ଏକ ବୃହତ ପ୍ରକଳ୍ପ ଉଦ୍‌ଘାଟନ ହୋଇଥିଲା। ହେଲେ ବର୍ଷେ ମଧ୍ୟରେ ପିଲା ସାଲୁଙ୍କି ନଦୀରୁ ପାଣି ଉଠାଇବା ପାଇଁ ଲାଗି ଥିବା ମୋଟର ଖରାପ ହେବା ଆରମ୍ଭ ହେଲା। ନୂଆ ମୋଟର ଏତେ ଶୀଘ୍ର କିଭଳି ଖରାପ ହେଉଛି ତାହାର ତଦନ୍ତ କରାଯିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ କହିଛନ୍ତି। ବର୍ଷକୁ ପ୍ରାୟ ୧୦/୧୫ ଥର ମୋଟର ଖରାପ ହେଉଛି। ସ୍ଥାନୀୟ ଅନଭିଜ୍ଞ ମେକାନିକଙ୍କ ଦ୍ୱାରା ଏହାର ମରାମତି କରାଯାଉଛି। ଯାହାଫଳରେ ମୋଟର ଠିକ୍ ହେବା ପରିବର୍ତ୍ତେ ସେଥିରେ ବିଭିନ୍ନ ବୈଷୟିକ ସମସ୍ୟା ବଢ଼ିବାରେ ଲାଗୁଛି। ଏପଟେ ମରାମତି ବାବଦରେ ଯନ୍ତ୍ରୀ ଚଢ଼ା ଦରରେ ବିଲ କରୁଛନ୍ତି। ପାଣି ମିଳୁ ନ ଥିବା ନେଇ ବିଭାଗ କାର୍ଯ୍ୟାଳୟ, ଯନ୍ତ୍ରୀଙ୍କୁ ଫୋନ କଲେ ସେମାନେ ଦୁର୍ବ୍ୟବହାର ପ୍ରଦର୍ଶ କରିବାକୁ କରିବାକୁ ବି ପଛାଉ ନ ଥିବା ଅଭିଯୋଗ ହେଉଛି। ଏ ନେଇ କନିଷ୍ଠ ଯନ୍ତ୍ରୀ ସୁଦେଷ୍ଣା ସାହୁଙ୍କୁ ପଚାରିବାରୁ ପାଣି ସବୁଆଡେ ଦିଆଯାଉଛି ବୋଲି ପ୍ରଥମେ କହିଥିଲେ। ଦୁଇ ଦିନ ହେଲା ପାଣି ନାହିଁ ପାଣି ମିଳୁନି ବୋଲି କହିବାରୁ ଗୋଟିଏ ମୋଟର ଖରାପ ହୋଇଛି। ସହରର ଅଧା ଅଞ୍ଚଳକୁ ପାଣି ଦିଆଯାଇଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ପାଣି ଦିଆଯିବ ବୋଲି କହିଥିଲେ।

### ଜେଇଙ୍କ ପଦ, କର୍ମଚାରୀ ଲେଖନ୍ତି ଏମ୍‌ବି

ପାଣି ସମସ୍ୟା ନେଇ ବିଭାଗୀୟ କାର୍ଯ୍ୟାଳୟକୁ ଗଲା ବେଳେ କନିଷ୍ଠ ଯନ୍ତ୍ରୀ କେତେଜଣ କର୍ମଚାରୀଙ୍କ ସହ ଏମ୍‌ବି (ମେଜରମେଣ୍ଟ ବୁକ୍) ଲେଖୁଥିବା ଦେଖିବାକୁ ମିଳିଥିଲା। ଏମ୍‌ବି କେବଳ ଯନ୍ତ୍ରୀ ଲେଖିବା କଥା। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ, ଆମର ଏଠି ସେପରି ହୁଏ ବୋଲି କହିଥିଲେ। ସୂଚନାଯୋଗ୍ୟ, ଏମ୍‌ବି ବୁକ୍ କିରାଣୀ ଲେଖୁଥିବାରୁ ସେଥିରେ ବ୍ୟାପକ ଜାଲିଆତି କରାଯାଉଥିବା ସ୍ପଷ୍ଟ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଜରୁରୀ ହୋଇପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋରାଣି ସାଗଙ୍କୁ ନ ଥାଏ ଲୁଣ
ମିଛେ ବୋଲୁଥାଏ ତିନି ତିଅଣା।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜ ଫମ୍ପା ଆଭିଜାତ୍ୟ ଦେଖାଇ ହେବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଏ। ତେବେ ଅଭାବୀ ବ୍ୟକ୍ତି ପକ୍ଷେ ନିଜକୁ ଏପରି ଦେଖେଇ ହେବାରେ କୌଣସି ଯଥାର୍ଥତା ରହି ନ ଥାଏ। ବାହାରକୁ ନିଜ ବୃଥା ବଡ଼ିମା ଦେଖାଉଥିବା ବ୍ୟକ୍ତିର ଅସଲ ସ୍ୱରୂପ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୋ କାନ ମଲ୍ଲୀ କଢ଼ି
ତୋ କାନରେ ଥାଉ
ଠେଲା ପେଲା କରି ମାରିବା
ବରଷ ମୁଣ୍ଡ ପାଉ।**

ସ୍ୱାମୀର ସ୍ତ୍ରୀ ପ୍ରତି ସ୍ନେହ ଓ ଶ୍ରଦ୍ଧା ଉକ୍ତି। ଘରର ଅଭାବ ଦୂର କରିବା ପାଇଁ ସ୍ତ୍ରୀର କାନ ଫୁଲ ବିକିବାକୁ ଅନିଚ୍ଛା ପ୍ରକାଶ କରୁଥିବା ସ୍ୱାମୀ ସ୍ତ୍ରୀକୁ ବୋଧ ବା ସାନ୍ତ୍ୱନା ଦେବାକୁ ଯାଇ ଯାହିତାହି ଘର ଚଳାଇ ବରଷ ପାଇଗଲେ ସମୟକ୍ରମେ ଅସୁବିଧା ଦୂର ହୋଇଯିବ କହି ସମୟ ଗଡ଼ାଇବାକୁ ପରାମର୍ଶ। ଏପରି ଅବସ୍ଥା ଅଳ୍ପ ବହୁତେ ବହୁ ଅଭାବୀ ପରିବାରରେ ଘଟୁଥିବା ସ୍ଥଳେ କଷ୍ଟରେ ଅର୍ଜିଥିବା ମୂଲ୍ୟବାନ ପଦାର୍ଥ ସହଜରେ ଛାଡ଼ିବାକୁ ଇଚ୍ଛା ନ ହେବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## କନ୍ଧମାଳରୁ ୨ ଜଣ ପାଇଲେ ଓଏଏସ୍

# ଖଜୁରିପଡାରୁ ମନୋଜ, ଫୁଲବାଣୀରୁ ସୌଭାଗ୍ୟ



ମନୋଜ କୁମାର ବେହେରା



ସୌଭାଗ୍ୟ ସ୍ମୃତିରଞ୍ଜନ ତ୍ରିପାଠୀ।

**ଫୁଲବାଣୀ ଅଫିସ/ଖଜୁରିପଡା, ୭।୧**

ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ର ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ କନ୍ଧମାଳ ଜିଲାରୁ ୨ ଜଣ କୃତିତ୍ୱ ହାସଲ କରିଛନ୍ତି। ଖଜୁରିପଡା ବ୍ଲକ ଉରୁମୁଣ୍ଡା ଗ୍ରାମର ମନୋଜ କୁମାର ବେହେରା ଓ ଫୁଲବାଣୀର ସୌଭାଗ୍ୟ ସ୍ମୃତିରଞ୍ଜନ ତ୍ରିପାଠୀ ଓଏଏସ୍ ପାଇ କନ୍ଧମାଳ ପାଇଁ ଗୌରବ ଆଣି ଦେଇଛନ୍ତି। ମନୋଜ ଏବେ ଦିଲ୍ଲୀ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରେ ରାଜନୀତି ବିଜ୍ଞାନରେ ପିଏଚ୍‌ଡି କରୁଛନ୍ତି। ମନୋଜ ଚାଷୀ ପରିବାରରୁ ଯାଇ ଏହି ଲକ୍ଷ୍ୟ ହାସଲ କରିଛନ୍ତି। ସେ ଖଜୁରିପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲେ। ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ସମ୍ମାନରେ ପ୍ରଥମ ଶ୍ରେଣୀ, ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ପିଜି କରି ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହେବାପରେ ଜେଏନ୍‌ୟୁରେ ଏମ୍‌ଫିଲ ଏବଂ ଏବେ ପିଏଚ୍‌ଡି କରୁଛନ୍ତି। ଲକ୍ଷ୍ୟ ହାସଲ ପାଇଁ ନିଷ୍ଠା ଏବଂ ଉଦ୍ୟମ ଅବିରତ ଜାରି ରହିବା ଦରକାର ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ସେହିପରି ସୌଭାଗ୍ୟ ସ୍ମୃତିରଞ୍ଜନ ଫୁଲବାଣୀ ଶିଶୁ ମନ୍ଦିରରେ ମାଟ୍ରିକ ପାସ୍ କରିବା ପରେ ସ୍ଥାନୀୟ କେ.ବି ହିଷ୍ଟ କଲେଜରେ ଯୁକ୍ତ ୨ ପଢ଼ିଥିଲେ। ଏହାପରେ ଭୁବନେଶ୍ୱର ଓଏୟୁଟିରେ ଫରେଷ୍ଟ୍ରିରେ ଗ୍ରାଜୁଏଶନ ସହ ଏମ୍‌ଏସ୍‌ସି ପାସ୍ କରିବା ପରେ ପ୍ରଶାସନିକ ସେବା ପରୀକ୍ଷା ପାଇଁ ଉଦ୍ୟମ ଜାରି ରଖିଥିଲେ। ସେ ପ୍ରଥମ ପଦକ୍ଷେପରେ ଏହି ସଫଳତା ହାସଲ କରିଛନ୍ତି।

# ଡିପିଓଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

**ଦାରିଙ୍ଗବାଡ଼ି,୭।୧(ଡି.ଏନ.ଏ)**



ଡିପିଓଙ୍କ ସହ ଅନ୍ୟ ଅଧିକାରୀ ଏବଂ ଲୋକ ପ୍ରତିନିଧି।

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳକୁ ମଙ୍ଗଳବାର ଡିପିଓ ( ଜିଲା ପଞ୍ଚାୟତ ଅଧିକାରୀ) କିଶୋର ଚନ୍ଦ୍ର ପାଢ଼ି ଗସ୍ତ କରିଛନ୍ତି। ଗୁମିକିଆ ସମେତ ବୁଡାଗୁଡ଼ା, ଡିଲୋରୀ, ସିମନବାଡ଼ି, ବାଡାବାଙ୍ଗା ଆଦି ପଞ୍ଚାୟତ ବୁଲି ବିଭିନ୍ନ ପ୍ରକଳ୍ପ ଦେଖିଥିଲେ। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷପାଇଁ ସମସ୍ତ ପଞ୍ଚାୟତରେ କରାଯାଇଥିବା ବିଭିନ୍ନ ପ୍ରକଳ୍ପର ପ୍ରୋପଜାଲ ତାଲିକା ସଂଗ୍ରହ କରିବା ସହ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଗ୍ରାମ ପଞ୍ଚାୟତ କୋଠା ନିର୍ମାଣ ସହ ଗୋଦାମ ଗୃହ, ହାଟପଦା ନିର୍ମାଣ, ପୋଖରୀ ଖନନ, ମାର୍କେଟିଂ କୋଠା ଆଦି ସମ୍ପର୍କରେ ଆଲୋଚନା କରିବା ସହ ଯେଉଁସବୁ ପଞ୍ଚାୟତରେ ଏହାର ସମସ୍ୟା ରହିଛି ତୁରନ୍ତ ନୂତନ କୋଠା ସହ ଗୋଦାମ ଗୃହ ନିର୍ମାଣ କରାଯିବ ବୋଲି କହିଛନ୍ତି।

ସେହିପରି ବାଡାବାଙ୍ଗାରେ ଜଣେ ସରପଞ୍ଚ ଇସ୍ତଫା ଦେଇଥିବାରୁ ସେହି ସ୍ଥାନରେ ଉପନିର୍ବାଚନ କରାଯିବ ଏବଂ ଗଦାପୁର ପଞ୍ଚାୟତର ୧୨ ନଂ ୱାର୍ଡ ସମେତ କାଟିଙ୍ଗିଆ ପଞ୍ଚାୟତର ୪ ନଂ ୱାର୍ଡ଼ରେ ଉପନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି କରାଯାଉଥିବା ଡିପିଓ ପାଢ଼ୀ କହିଛନ୍ତି। ପଞ୍ଚାୟତର ଆଭ୍ୟନ୍ତରୀଣ ଆୟ ବୃଦ୍ଧି ପାଇଁ ଚେଷ୍ଟା କରିବା ଏବଂ ଏଥିପାଇଁ ପଦକ୍ଷେପ ନିଆଯିବାକୁ ସେ ପରାମର୍ଶ ଦେଇଛନ୍ତି। ଡିପିଓଙ୍କ ସହ ଦାରିଙ୍ଗବାଡ଼ି ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ରନାଥ ବେହେରା, ସିମନବାଡ଼ି ସରପଞ୍ଚଙ୍କ ପ୍ରତିନିଧି ପରମେଶ୍ୱର ପ୍ରଧାନ ଏବଂ ନାଏବ ସରପଞ୍ଚ ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତି ଥିଲେ। ପଞ୍ଚାୟତ ପିଅନ ରମାକାନ୍ତ ଦିଗାଳ ତାଙ୍କ ଦରମା ବୃଦ୍ଧି ପାଇଁ ଡିପିଓଙ୍କ ନିକଟରେ ଗୁହାରୀ କରିବାରୁ ସେ ଏହା ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଶ୍ୱକର୍ମା ଶ୍ରମିକ ସଂଘର କର୍ମକର୍ତ୍ତା ନିର୍ବାଚନ

**ଶଙ୍କରାଖୋଲ,୭।୧(ଡି.ଏନ୍.ଏ.)**

ଟିକାବାଲି, ହାଟପଦାଠାରେ ଆଞ୍ଚଳିକ ବିଶ୍ୱକର୍ମା ଶ୍ରମିକ ସଂଘର କର୍ମକର୍ତ୍ତା ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସଭାପତି ପୁରନ୍ଦର ରଣା ଅଧ୍ୟକ୍ଷତା କରିଥିଲେ। ଟିକାବାଲି ବ୍ଲକ ଓ ଚକାପାଦ ବ୍ଲକର ବହୁ ଶ୍ରମିକ ଉପସ୍ଥିତ ରହି କର୍ମକର୍ତ୍ତା ଚୟନ କରିଥିଲେ। ସଭାପତି ଭାବେ ବିବସ୍ର ଦିଗାଳ, ଉପସଭାପତି, ସମ୍ପାଦକ ଗୋପାଳ ମଳିକ, ସହସମ୍ପାଦକ ସୀମାଞ୍ଚଳ ଦାଶ, କୋଷାଧ୍ୟକ୍ଷ ସୁରେନ୍ଦ୍ର ବିଷୋୟୀଙ୍କ ସହ କାର୍ଯ୍ୟକାରୀ କମିଟିର ୧୨ଜଣ ସଭ୍ୟାସଭ୍ୟ ମନୋନୀତ ହୋଇଥିଲେ। ଆଗାମୀ ଦିନରେ ଶ୍ରମିକ ସଂଘକୁ ଦୃଢ଼ କରିବା, ଶ୍ରମିକମାନେ କିପରି ସରକାରୀ ସୁବିଧା ପାଇବେ ସେ ନେଇ ପ୍ରତିମାସରେ ବୈଠକ କରାଯିବ ଏବଂ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା।

# ପରମାନନ୍ଦପୁରରେ ବ୍ରାହ୍ମଣ ମହାସଂଘ ବୈଠକ



ବୈଠକରେ ଉପସ୍ଥିତ ବ୍ରାହ୍ମଣମାନେ।

**ଶେରଗଡ,୭।୧(ଡି.ଏନ୍.ଏ.)**

ଶେରଗଡସ୍ଥିତ ପରମାନନ୍ଦପୁର ଗ୍ରାମ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ବ୍ରାହ୍ମଣ ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁକାନ୍ତ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସଂଘ ସଭାପତି ଲଡୁକିଶୋର ପଣ୍ଡା ଓ ଗଙ୍ଗାଧର ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ସୁରେନ୍ଦ୍ର କୁମାର ମିଶ୍ରଙ୍କ ପରିଚାଳାନାରେ ପ୍ରଥମେ ବେଦ ପାଠ ସହ ସମସ୍ତ ବର୍ଗର ବ୍ରାହ୍ମଣଙ୍କୁ ସ୍ୱାଗତ କରାଯାଇଥିଲା। ବ୍ରାହ୍ମଣମାନେ ଏବେ ବହୁ ଅବହେଳିତ। ତେଣୁ ସମସ୍ତ ବର୍ଗର ବ୍ରାହ୍ମଣମାନଙ୍କୁ ଏକଜୁଟ କରି ହକ୍ ପାଇଁ ଲଢ଼ିବାକୁ ଆହ୍ୱାନ ଦିଆଯାଇଥିଲା। ୧୮ ଦଫା ଦାବି ନେଇ ଆନ୍ଦୋଳନ ଚାଲୁ ରହିବ ବୋଲି ବକ୍ତାମାନେ କହିଥିଲେ। ଭଗବତ ସତ୍ତା ଜାଗ୍ରତ, ବ୍ରାହ୍ମଣ ସଙ୍ଗଠନକୁ ମଜବୁତ କରିବା, ପୁରାତନ ସଂସ୍କୃତିରେ ପୁନରୁଦ୍ଧାର, ଅର୍ଥନୈତିକ ଭିତ୍ତିରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପ୍ରମୁଖ ଦାବିରହିଛି। ପ୍ରତାପ କୁମାର ମିଶ୍ର, ବୃନ୍ଦାବନ ଶତପଥୀ, ଜୟ କୁମାର ସାହୁ, ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭଞ୍ଜ ମାର୍କେଟ ନିକଟରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାବି

**ଜି.ଉଦୟଗିରି,୭।୧(ଡି.ଏନ.ଏ.)**

ଜି.ଉଦୟଗିରି ବଜାର ଛକର ଭଞ୍ଜମାର୍କେଟ ନିକଟରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି। ବଜାର ଛକରେ ଯାତ୍ରୀବାହୀ ବସ ନ ରହିବା ଫଳରେ ଯାତ୍ରୀମାନଙ୍କୁ ଅସୁବିଧା ହେଉଛି। ମାର୍କେଟ ପାଖରେ ଏନ୍‌ଏସିର ଶୌଚାଳୟ ଅଛି, ଆହାର କେନ୍ଦ୍ର ରହିଛି। ଏଠାରେ ବସଷ୍ଟାଣ୍ଡ କରାଗଲେ ଯାତ୍ରୀମାନେ ସୁବିଧା ପାଇପାରିବେ ବୋଲି ଭାଜପା ନେତା ପ୍ରିୟବ୍ରତ ସାହୁ, ବ୍ୟବସାୟୀ ନାଗେଶ୍ୱର ପୃଷ୍ଟି, ବିନୋଦ ବିହାରୀ ଦାଶ ପ୍ରମୁଖ କହିଛନ୍ତି। ସୂଚନା ପ୍ରକାରେ, ଜି.ଉଦୟଗିରି ଭଞ୍ଜ ମାର୍କେଟ ନିକଟରେ ବସ ରହୁଥିଲା। କିଛିବର୍ଷ ହେବ ସେଠାରେ ଆଉ ବସ ରହୁନାହିଁ। ୧୫ ବର୍ଷ ହେବ ଶ୍ରୀରାମପଦାଠାରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ ଏଯାଏ ସରୁନାହିଁ। ଶୀଘ୍ର ନୂତନ ବସଷ୍ଟାଣ୍ଡ ନିର୍ମାଣ ସହିତ ଭଞ୍ଜ ମାର୍କେଟ ନିକଟରେ ବସଷ୍ଟାଣ୍ଡ ନିର୍ମାଣ କରି ଯାତ୍ରୀବାହୀ ବସ ରହିବା ପାଇଁ ନିୟମ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଜି.ଉଦୟଗିରି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜିବ କୁମାର ପାତ୍ରଙ୍କୁ ପଚାରିବାରୁ ଅତିଶୀଘ୍ର ବସଷ୍ଟାଣ୍ଡ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ଓ ଭଞ୍ଜ ମାର୍କେଟ ପାଖରେ ନୂତନ ବସଷ୍ଟାଣ୍ଡ କରିବାକୁ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି କହିଥିଲେ।

# ଦିଗପହଣ୍ଡି ବ୍ଲକରେ ଜବରଦଖଲ ଉଚ୍ଛେଦ

**ଦିଗପହଣ୍ଡି,୭।୧(ଡି.ଏନ.ଏ.)**



ତହସିଲଦାରଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ।

ଦିଗପହଣ୍ଡି ବ୍ଲକ ଗୋପାଳପୁର ସମେତ ବାସୁଦେବପୁର ଗ୍ରାମରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଉକ୍ତ ଗ୍ରାମରେ ଦୀର୍ଘଦିନ ହେଲା ବିଭିନ୍ନ ବ୍ୟକ୍ତି ସରକାରୀ ଜମିରେ ଗୁହାଳଘର ଓ ଖତଗଦା କରିଥିଲେ। ତହସିଲ ପ୍ରଶାସନ ପକ୍ଷରୁ ବାରମ୍ବାର ନୋଟିସ କରାଯିବା ସତ୍ତ୍ୱେ ସେମାନେ ଶୁଣି ନ ଥିଲେ। ଦିଗପହଣ୍ଡି ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଅଦ୍ୱୈତ କୁମାର ସ୍ୱାଇଁ, ବାସୁଦେବପୁର ରାଜସ୍ୱ ସର୍କଲର ନିରୀକ୍ଷିକା ମିକିରାଣୀ ସାହୁ, ସିଦ୍ଧେଶ୍ୱର ରାଜସ୍ୱ ସର୍କଲର ନୀରିକ୍ଷିକା ତିଳୋତ୍ତମା ଦୋରା ପ୍ରମୁଖ କର୍ମଚାରୀଙ୍କ ଉପସ୍ଥିତିରେ ଉଭୟ ଗ୍ରାମରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଦିଗପହଣ୍ଡି ଥାନା ପକ୍ଷରୁ ଏସଆଇ ବଳଭଦ୍ର ଗଣ୍ଡଙ୍କ ନେତୃତ୍ୱରେ ପୋଲିସ ମୁତୟନ ଥିଲେ। ତହସିଲଦାରଙ୍କ ସୂଚନାନୁସାରେ, ସିଦ୍ଧେଶ୍ୱର ରାଜସ୍ୱ ସର୍କଲ ଅଧୀନ ଗୋପାଳପୁର ଗ୍ରାମର କିଛି ବ୍ୟକ୍ତି ସରକାରୀ ଜାଗାକୁ ନିଜ ଅକ୍ତିଆରରେ ରଖିଥିଲେ। ଉଚ୍ଛେଦ ପରେ ସେଠାରେ ଅଙ୍ଗନୱାଡି କେନ୍ଦ୍ର, ଗ୍ରାମ୍ୟ କୋଠାଘର ଓ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସରକାରୀ ଜାଗା ବଣ୍ଟନ କରାଯିବ। ସେହିପରି ବାସୁଦେବପୁରରେ ବସୁନ୍ଧରା ଯୋଜନାରେ ବାସହୀନଙ୍କୁ ଘର ପଟ୍ଟା ବଣ୍ଟନ କରାଯାଇଥିଲେ ମଧ ହିତାଧିକାରୀଙ୍କୁ ଜମି ଦଖଲ ଦିଆଯାଇ ନ ଥିଲା। ଉକ୍ତ ସରକାରୀ ଜମିକୁ କିଛି ବ୍ୟକ୍ତି ଦାଖଲ କରିଥିଲେ। ରାଜସ୍ୱ ବିଭାଗ ପକ୍ଷରୁ ଉକ୍ତ ଜମିକୁ ଚିହ୍ନଟ କରାଯାଇ ଜେସିବି ମେଶିନ ଦ୍ୱାରା ସଫା କରାଯାଇଛି। ବସୁନ୍ଧରା ଯୋଜନାରେ ପ୍ରାୟ ୧୧୫ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ ସେସବୁ ଜମି ପ୍ରଦାନ କରାଯିବ ବୋଲି ତହସିଲଦାର କହିଛନ୍ତି।

## ଆନ୍ତଃରାଜ୍ୟ ଟେନିସ୍ ବଲ କ୍ରିକେଟ ଟୁର୍ନାମେଣ୍ଟ

# ଭାସ୍କର ଏକାଦଶ, ଏଫ୍‌ସିସି ଶ୍ରୀକାକୁଲମ ବିଜେତା

**ବ୍ରହ୍ମପୁର ଅଫିସ,୭।୧**




ତୃତୀୟ ଦିବସରେ ମଞ୍ଚାସୀନ ଅତିଥି।

ଗୋଷାଣୀନୂଆଗାଁ କେସି ହାଇସ୍କୁଲ ପଡିଆରେ କେସି ଏକାଦଶ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃରାଜ୍ୟ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ଦିବସରେ ସମାଜିକକର୍ମୀ କିଶୋର ପାଢ଼ୀ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମିୟ କୁମାର ଦାଶ, ଏନ୍.ତ୍ରିପତି ପାତ୍ର, ନୀଳ ମାଧବ ବେହେରା ଉପସ୍ଥିତ ଥିଲେ। ତୃତୀୟ ଦିବସର ପ୍ରଥମ ମ୍ୟାଚରେ ବ୍ରହ୍ମପୁର ରକ୍ଷକ ଏକାଦଶ ଓ ଧରମପୁର ଭାସ୍କର ଏକାଦଶ ମଧ୍ୟରେ ମୁକାବିଲା ହୋଇଥିଲା। ରକ୍ଷକ ଏକାଦଶ ପ୍ରଥମେ ଟସ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲେ। ଭାସ୍କର ଏକାଦଶ ନିର୍ଦ୍ଧାରିତ ୧୨ ଓଭର ଖେଳି ୪ ଉଇକେଟ ହରାଇ ୧୮୫ ରନ ସଂଗ୍ରହ କରିଥିଲା। ପରବର୍ତ୍ତୀ ଇନିଂସରେ ରକ୍ଷକ ଏକାଦଶ ୬ ଉଇକେଟ ହରାଇ ମାତ୍ର ୧୫୬ ରନ କରିବାରେ ସକ୍ଷମ ହୋଇଥିଲେ। ଫଳରେ ଭାସ୍କର ଏକାଦଶ ମ୍ୟାଚଟିକୁ ଜିତି ନେଇଥିଲା। ଦ୍ୱିତୀୟ ମ୍ୟାଚରେ ରଘୁନାଥ କ୍ରିକେଟ କ୍ଲବ ଓଡଗାଁ ଓ ଏଫସିସି ଶ୍ରୀକାକୁଲମ ମଧ୍ୟରେ ମୁକାବିଲା ହୋଇଥିଲା। ଶ୍ରୀକାକୁଲମ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରିଥିଲା। ପରବର୍ତ୍ତୀ ଇନିଂସ୍‌ରେ ଓଡଗାଁ ୮ ଉଇକେଟ ହରାଇ ମାତ୍ର ୧୨୧ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଫଳରେ ଶ୍ରୀକାକୁଲମ ମ୍ୟାଚଟିକୁ ଜିତି ନେଇଥିଲା। ଉଭୟ ମ୍ୟାଚରେ ଅମ୍ପାୟାର ଭାବେ ନୟନ ଆଚାର୍ଯ୍ୟ, ସୁବ୍ରତ ବକ୍ସି ପଟ୍ଟନାୟକ, ଡି. ରଜନୀ କାନ୍ତ ରେଡ୍ଡୀ ଓ କେ. ସତୀଶ ପ୍ରମୁଖ ପରିଚାଳନା କରିଥିଲେ। ସ୍କୋରର ଭାବେ ସୂର୍ଯ୍ୟ ନାରାୟଣ ପରିଡା ସହଯୋଗ କରିଥିଲେ।

## ସଂକ୍ଷେପରେ

### ଓଏଏସ୍ ପରୀକ୍ଷା: ୫୧ ର୍ୟାଙ୍କରେ ନାରାୟଣ



**ପୁରୁଷୋତ୍ତମପୁର,୭।୧(ଡି.ଏନ.ଏ.):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍ଏସି ଅନ୍ତର୍ଗତ ଚିଙ୍ଗୁଡିଆପଦର ସାହିର ନାରାୟଣ ବେହେରା ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୫୧ ର୍ୟାଙ୍କରେ ରହିଛନ୍ତି। ତାଙ୍କ ବାପାଙ୍କ ନାମ ରାମ ବେହେରା ଓ ମାଆଙ୍କ ନାମ ସୁଷମା । ବର୍ତ୍ତମାନ ସେ କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଜଲେଶପେଟା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି।

### ଫସଲ ନଷ୍ଟ କଲେ ହାତୀ, ଚିନ୍ତାରେ ଚାଷୀ

**ଟିକିଟି,୭।୧(ଡି.ଏନ.ଏ.):** ଟିକିଟି ବ୍ଲକ ଗୋବିନ୍ଦନଗର ପଞ୍ଚାୟତର ରାଧାମୋହନପୁର, ଝିଙ୍କିପଦର, ଗୋବିନ୍ଦନଗର ଗ୍ରାମରେ ୨ ଦିନ ହେଲା ହାତୀ ଆତଙ୍କ ଦେଖାଦେଇଛି। କନିଷି ବ୍ଲକ ଜୁଗୁଡି ଗ୍ରାମ ନିକଟସ୍ଥ କେରାଣ୍ଡିମାଳ ପର୍ବତରୁ ୭ଟି ହାତୀପଲ ଉକ୍ତ ଗ୍ରାମରେ ପଶି ଖଳାରେ ଥିବା ଧାନଗଦା, କଦଳୀ ଗଛ, କାଜୁତୋଟା ଭଳି ବିଭିନ୍ନ ଫସଲ ନଷ୍ଟ କରିଦେଇଛନ୍ତି। ଏଥିରେ ଝିଙ୍କିପଦର ଗ୍ରାମର ବୁଲୁ ଦାସ, କୈବଲ୍ୟ ଦାସ, ଦୀନବନ୍ଧୁ ଦାସ, ବାବାଜୀ ଦାସ, ପରି ଦାସ ଏବଂ ଗୋବିନ୍ଦନଗରର ସୁରେନ୍ଦ୍ର ସାହୁ, ଭାଲିଆଗଡ ଗ୍ରାମର ଏମ୍.ପାପାୟା କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ସନ୍ଧ୍ୟା ହେଲେ ବଣୁଆ ହାତୀ ଜନବସତି ଆଡକୁ ମାଡିଆସୁଛନ୍ତି। ଏଥିପାଇଁ ଲୋକମାନେ ବାହାରକୁ ଯିବା ଆସିବାକୁ ଭୟ କରୁଛନ୍ତି। ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ୍ ସରବରାହ ବନ୍ଦ କରାଯାଇଛି। ହାତୀମାନଙ୍କୁ ଉତ୍ତେଜିତ ନ କରିବା ପାଇଁ ଗ୍ରାମଗୁଡ଼ିକରେ ବନବିଭାଗ ପକ୍ଷରୁ ସଚେତନତା କରାଯାଇଛି। ଜଙ୍ଗଲ ମଧକୁ ହାତୀଙ୍କୁ ଘଉଡାଇବା ପାଇଁ ଟିକିଟି ବନପାଳ କେ.କବିତାଙ୍କ ନେତୃତ୍ୱରେ ପାରା, ବନରକ୍ଷୀମାନଙ୍କୁ ନିୟୋଜିତ କରାଯାଇଛି। ଜଙ୍ଗଲପଦା ହୋଇଯିବାରୁ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁ ମହାଁ ହୋଇଥିବା କୁହାଯାଇଛି।

### ବିଜୁ ଯୁବବାହିନୀ ସଦସ୍ୟଙ୍କୁ ଆକ୍ରମଣ ଅଭିଯୋଗ

**ଦିଗପହଣ୍ଡି,୭।୧(ଡି.ଏନ.ଏ.):** ଦିଗପହଣ୍ଡି ସହରର ବିଜୁ ଯୁବବାହିନୀ ସଦସ୍ୟ କାହ୍ନୁ ନାହାକଙ୍କୁ ସୋମବାର ସନ୍ଧ୍ୟାରେ କେତେକ ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ନଂ.୫/୨୦ରେ ମାମଲା ରୁଜୁ କରି ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ସ୍ଥାନୀୟ ବସ୍ଷ୍ଟାଣ୍ଡରେ କାହ୍ନୁ ଠିଆ ହୋଇଥିବା ବେଳେ ଦଳିତ ସାହିର କେତେଜଣ ଯୁବକ ପହଞ୍ଚି ଲୁହାଛଡ଼ରେ ତାଙ୍କୁ ଆକ୍ରମଣ କରି ସେଠାରୁ ଚମ୍ପଟ ମାରିଥିଲେ। ଏ ନେଇ କାହ୍ନୁ ବଡ଼ଭାଇଙ୍କ ସହ ବହୁ ସଂଖ୍ୟକ ଯୁବକ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଆକ୍ରମଣର କାରଣ ଜଣାପଡ଼ି ନ ଥିବା ବେଳେ କାହ୍ନୁଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗତ ରବିବାର କାହ୍ନୁଙ୍କ ବଡ ଭାଇଙ୍କୁ ଆକ୍ରମଣକାରୀ ଧମକ ଦେଇଥିବାରୁ କାହ୍ନୁ ଜଣେ ଯୁବକଙ୍କୁ ମାଡ଼ ମାରିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଆଇଆଇସି ବସନ୍ତ ସେଠୀ କହିଛନ୍ତି।

### ଭାଗବତ ପାରାୟଣ ଉଦ୍ଯାପିତ

**ବ୍ରହ୍ମପୁର ଅଫିସ,୭।୧:** ବ୍ରହ୍ମପୁର ଉପକଣ୍ଠ ଝାଡାଙ୍କୁଲି ଭାଗବତ ଟୁଙ୍ଗୀରେ ଚାଲିଥିବା ଭାଗବତ ପାରାୟଣ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ସାତଦିନ ବ୍ୟାପି ଚାଲିଥିବା ଏହି କାର୍ଯ୍ୟକ୍ରମର ଉଦ୍ଯାପନୀ ଉତ୍ସବ ଅବସରରେ ନାମଯଜ୍ଞ, ନାମ ସଙ୍କୀର୍ତ୍ତନ ଭାଗବତ ପାରାୟଣ ପାଠ କରାଯାଇଥିଲା। ଏଥିସହ ସନାତନ ଧର୍ମ ସଂସ୍କୃତି ଆଧାରିତ ପହିଲି ଭୋଗ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ନାବାର୍ଡ ଏଜିଏମ୍ ସୁମନ ସୌରଭ ସାହୁ, ଭାଗବତ ଟୁଙ୍ଗୀ ଉପଦେଷ୍ଟା ସଞ୍ଜୀବ କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ । ଭାଗବତ ଟୁଙ୍ଗୀ ସଭାପତି ଜଗୁ ସାହୁ, ସମ୍ପାଦକ ଚନ୍ଦ୍ରମଣି ମହାରଣା,କୋଷାଧକ୍ଷ କାର୍ତ୍ତିକ ସାହୁଙ୍କ ସମେତ ଉଲା ସାହୁ, ସୁରେନ୍ଦ୍ର ସାହୁ ପରିଚାଳନା କରିଥିଲେ ।

## ଜେଏନ୍ୟୁରେ ଆକ୍ରମଣ ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବିଭିନ୍ନ ସଂଗଠନର ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୭।୧**



ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ) ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକଙ୍କ ଉପରେ ରବିବାର ହୋଇଥିବା ଆକ୍ରମଣକୁ ନେଇ ଏବେ ବିଭିନ୍ନ ସଂଗଠନ ରାସ୍ତାକୁ ଓହ୍ଲାଇବା ସହ ଘଟଣାର ତୀବ୍ର ନିନ୍ଦା କରିଛନ୍ତି। ସୋମବାର ଏ ନେଇ ଅଲ୍ ଇଣ୍ଡିଆ ଡିଏସ୍ଓ(ଡେମୋକ୍ରାଟିକ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ) ପକ୍ଷରୁ ଗଣ ବିକ୍ଷୋଭ ସହ ଘଟଣାକୁ ନିନ୍ଦା କରାଯାଇଥିଲା। ମଙ୍ଗଳବାର ପୁଣି ବିଭିନ୍ନ ଛାତ୍ର ସଂଗଠନ ଓ ଯୁବ ସଂଗଠନ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଜେଏନ୍ୟୁ ଭଳି ଏକ ଜାତୀୟସ୍ତରୀୟ ଗବେଷଣା ସମ୍ପନ୍ନ ବିଶ୍ୱବିଦ୍ୟାଳୟରେ ଏଭଳି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସଂଗଠନ ପକ୍ଷରୁ କୁହାଯିବା ସହ ଘଟଣାକୁ ତୀବ୍ର ନିନ୍ଦା କରାଯାଇଛି। ଜେଏନ୍ୟୁ ଭଳି ଶିକ୍ଷାନୁଷ୍ଠାନ ମଧ୍ୟରେ ଛାତ୍ରୀଛାତ୍ର, ଅଧ୍ୟାପକଙ୍କୁ ଆକ୍ରମଣ ଘଟଣା ଭାରତର ସମଗ୍ର ଛାତ୍ରୀଛାତ୍ରଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାରେ ସମ୍ପୃକ୍ତ ଗୁଣ୍ଡାମାନେ ଛାତ୍ରୀଛାତ୍ରଙ୍କ ଉପରେ ଆକ୍ରମଣ କରିବା ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ସତ୍ତ୍ୱେ ଦୋଷୀଙ୍କୁ ଗିରଫ କରା ନ ଯିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସଂଗଠନଗୁଡିକ ଅଭିଯୋଗ କରିଥିଲେ। ଏ ଦିଗରେ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହ ଦୋଷୀଙ୍କୁ ଗିରଫ କରି ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଏହି ବିକ୍ଷୋଭ ସମାବେଶରେ ସିପିଏମ୍ ନେତା ବସନ୍ତ ନନ୍ଦ, ଯୁଧିଷ୍ଠିର ବେହେରା, ଏଆଇୱାଇଏଫ(ଅଲ ଇଣ୍ଡିଆ ୟୁଥ ଫେଡେରେଶନ) ରାଜ୍ୟ ସମ୍ପାଦକ ପ୍ରଦୀପ ସେଠୀ, ଏଆଇଏସ୍ଏଫ (ଅଲ ଇଣ୍ଡିଆ ଷ୍ଟୁଡେଣ୍ଟ ଫେଡେରେଶନ) ଜିଲା ସମ୍ପାଦକ କାମଦେବ ନାହାକ, କୃଷ୍ଣଚନ୍ଦ୍ର ରାଉଳ, ବିଦ୍ୟୁତ ପ୍ରଭା ନାୟକ,ଏସ୍ଏଫ୍ଆଇ (ଷ୍ଟୁଡେଣ୍ଟ ଫେଡେରେଶନ ଅଫ ଇଣ୍ଡିଆ) ନେତା ସତ୍ୟନାରାୟଣ ନାୟକ, ଡିୱାଇଏଫଆଇ (ଡେମୋକ୍ରେଟିକ ୟୁଥ ଫେଡେରେଶନ) ଜିଲା ସମ୍ପାଦକ ଅଜିତ ପାଣିଗ୍ରାହୀ, ଗଣତାନ୍ତ୍ରିକ ମହିଳା ସମିତି ଜିଲା ସଭାନେତ୍ରୀ ଜୟନ୍ତୀବାଳା ମିଶ୍ର, ଏନ୍ଏସ୍ୟୁଆଇ (ନ୍ୟାଶନାଲ ଷ୍ଟୁଡେଣ୍ଟସ ୟୁନିୟନ ଅଫ ଇଣ୍ଡିଆ) ଜିଲା ସଭାପତି ବିଜୟ ରାଜ ପାଣିଗ୍ରାହୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇଡିଏସ୍ଓ, ଏଆଇଡିୱାଇଓ, ଏଆଇଡିଡବ୍ଲୁ (ଅଲ ଇଣ୍ଡିଆ ଡେମୋକ୍ରେଟିକ ୱମେନ ଆସୋସିଏଶନ) ପ୍ରମୁଖ ସଂଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ ।

## ବଳାତ୍କାର ମାମଲା

# ଅଭିଯୁକ୍ତଙ୍କୁ ୧୫ ବର୍ଷ ଜେଲ, ଜରିମାନା

**ବ୍ରହ୍ମପୁର ଅଫିସ,୭।୧**

**ପୀଡ଼ିତାଙ୍କୁ ୪ ଲକ୍ଷ ଆର୍ଥିକ ସହାୟତା ପ୍ରଦାନ ନିର୍ଦ୍ଦେଶ**

ଗଞ୍ଜାମ ଜିଲା ସ୍ୱତନ୍ତ୍ର ପୋସ୍କୋ ଜଜ ତଥା ଅତିରିକ୍ତ ଦୌରା ଜଜ (ଏଡିଜେ)-୨ ଜଗଦୀଶ ପ୍ରସାଦ ମହାନ୍ତି ମଙ୍ଗଳବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ଅଭିଯୁକ୍ତ ଶିବ ସାହୁଙ୍କୁ ୧୫ ବର୍ଷ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ କରିବାକୁ ଏକ ରାୟ ପ୍ରକାଶ କରିଛନ୍ତି। ଅନ୍ୟପଟେ ୧୦ ହଜାର ଟଙ୍କା ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ରହିଛି। ସେହିପରି ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବାକୁ କୋର୍ଟ ଜିଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି।

ପ୍ରକାଶଯେ, ୨୦୧୪ ଅଗଷ୍ଟ ୨୯ ସନ୍ଧ୍ୟା ସାଢେ ୭ଟାରେ ଦୋକାନକୁ କ୍ଷୀର କିଣିବାକୁ ଜଣେ ୨ ଶ୍ରେଣୀ ଛାତ୍ରୀ ଯାଇଥିଲେ। ଦୋକାନୀ ଶିବ କ୍ଷୀର ସହ ଚକୋଲେଟ ଦେବାକୁ କହି ତାଙ୍କୁ ଘର ଭିତରକୁ ଡାକି ନେଇଥିଲେ। ପରେ ସେ ସେଠାରେ ତାଙ୍କୁ ବଳାତ୍କାର କରିଥିଲେ। ଛାତ୍ରୀ ଜଣଙ୍କ କାନ୍ଦି ଘରକୁ ଆସି ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ କହିଥିଲେ। ପରେ ସେମାନେ ଏନେଇ ଭଞ୍ଜନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ.୨୩୭/୧୪ରେ ଅଭିଯୁକ୍ତ ଶିବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଏସ୍ଆଇ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ଘଟଣା ପରଠାରୁ ଜେଲରେ ଥିବା ଶିବଙ୍କୁ ମଙ୍ଗଳବାର ବିଚାର ବେଳେ କୋର୍ଟରେ ହାଜର କରାଯାଇଥିଲା। ୧୭ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ପୋକ୍ସୋ ଜଜ ଜଗଦୀଶ ପ୍ରସାଦ ମହାନ୍ତି ଅଭିଯୁକ୍ତ ଶିବଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ଓଡ଼ିଆ କାବ୍ୟ ଜଗତର ଉଜ୍ଜ୍ୱଳ ତାରକା କବି ମାୟାଧର


ମଞ୍ଚାସୀନ ଅତିଥି ।

**ବ୍ରହ୍ମପୁର ଅଫିସ,୭।୧**

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ 'ଆଧୁନିକ ଓଡ଼ିଆ କବିତା ଓ କବି ମାୟାଧର ମାନସିଂହ' ଉପରେ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଧକ୍ଷା ଡ. ଉତ୍ତମା ଜେନା ଏହାକୁ ଉଦ୍ଘାଟନ କରିଥିଲେ। ପୂର୍ବତନ ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଧୁନିକ ଓଡିଆ କବିତା କ୍ଷେତ୍ରରେ କବି ମାୟାଧରଙ୍କ ଅବଦାନ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ଉପାଧ୍ୟକ୍ଷ ଡ. ସିଦ୍ଧାର୍ଥ ପାଢୀ କବି ମୟାଧର ମାନସିଂହଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ । କବି ମାୟାଧର ଓଡ଼ିଆ କାବ୍ୟ ଜଗତର ଏକ ଉଜ୍ଜ୍ୱଳ ତାରକା। ସେ ଜଣେ ରସସ୍ରାବୀ, ବିପ୍ଳବୀ କବି ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଆଧୁନିକ ଓଡ଼ିଆ କବିତା ଜଗତରେ ତାଙ୍କ ଅବଦାନ ଅବିସ୍ମରଣୀୟ ବୋଲି ସମ୍ମାନିତ ଅତିଥି ପାଢୀ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ବିଦ୍ୟୁତ୍ପ୍ରଭା ସାହୁ, ଉଷା ରଥ ଓ ଅଧ୍ୟାପକ ରୁଧୀର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭାଗର ସମସ୍ତ କର୍ମକର୍ତ୍ତା, ଛାତ୍ରୀଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

### ବାର୍ଷିକ କ୍ରୀଡ଼ା ଉତ୍ସବ

**କନିଷି,୭।୧(ଡି.ଏନ.ଏ.)**

କନିଷି ହାଟ ବାଲାଜୀ ବିଦ୍ୟାପୀଠଠାରେ ୭୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ଏହାକୁ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର ଉଦ୍ଘାଟନ କରିଥିଲେ। କ୍ରୀଡ଼ା ଉତ୍ସବରେ ବିଦ୍ୟାଳୟର ୫୮୦ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ସ୍ଥାନୀୟ ବାଳିକା ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ରେଣୁ କୁମାରୀ ଜେନା, ପଞ୍ଚମା ୟୁଜି ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀ ମାନସୀ କୁମାରୀ ପଣ୍ଡା, ପ୍ରଭାତ କୁମାର ଦାଶ, କୁସୁମି ଆଦର୍ଶ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ମଧୁସୂଦନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍କୁଲର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରବୀନ୍ଦ୍ର ନାଥ ପାତ୍ର ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

## ଛେପ ପକାଇବାରୁ ଗଣ୍ଡଗୋଳ

# ଡ୍ରାଇଭର, ଆଇଟିଆଇ ଛାତ୍ରଙ୍କ ମାରପିଟ

**ବ୍ରହ୍ମପୁର ଅଫିସ,୭।୧**

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଇଞ୍ଜିନିୟରିଂ ସ୍କୁଲ ଛକରେ ମଙ୍ଗଳବାର ଇଣ୍ଡିଆନ ଇନଷ୍ଟିଚ୍ୟୁଟ ସାଇନ୍ସ, ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଜର)ର ଏକ କାର ଡ୍ରାଇଭର ଓ କେତେକ ଆଇଟିଆଇ ଛାତ୍ରଙ୍କ ମଧ୍ୟରେ ଛେପ ପକାଇବାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଏଥିରେ ୩ ଜଣ ଛାତ୍ର ଆହତ ହୋଇଛନ୍ତି। ଅନ୍ୟପଟେ କେତେକ ଛାତ୍ର ଆଇଜର ଡ୍ରାଇଭରଙ୍କ ବାଇକ୍ ଭାଙ୍ଗି ଦେଇଥିବା ଜଣାପଡିଛି। ପୋଲିସ ଏହି ଘଟଣାର ଏବେ ଅନୁସନ୍ଧାନ ଚଳାଇଥିବା ଥାନାଧିକାରୀ ସାରଦା ପ୍ରସନ୍ନ ଦାସ କହିଛନ୍ତି। ଆଇଟିଆଇ କଲେଜ କ୍ୟାମ୍ପସ ଭିତରେ ଆଇଜର ଅସ୍ଥାୟୀ କ୍ୟାମ୍ପସ ରହିଛି। ମଙ୍ଗଳବାର ଡ୍ରାଇଭର ଛେପ ପକାଇବା ବେଳେ ଜଣେ ଛାତ୍ରଙ୍କ ଉପରେ ପଡିଯାଇଥିଲା। ଏହାକୁ ନେଇ କେତେକ ଛାତ୍ର ଓ ଡ୍ରାଇଭରଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଡ୍ରାଇଭର ଧରିଥିବା ଚାବି ଥିବା ଏକ ଛୁରିରେ ଛାତ୍ରଙ୍କୁ ଆକ୍ରମଣ କରିଥିଲେ। ଅନ୍ୟପଟେ ଛାତ୍ରମାନେ ଡ୍ରାଇଭରଙ୍କ ଗାଡି ଭାଙ୍ଗି ଦେଇଥିବା ବେଳେ ତାଙ୍କୁ ମାରପିଟ କରିଛନ୍ତି। ପୋଲିସ ଆହତମାନଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରିଛି।

## ଚାଷୀଙ୍କୁ ଗାଡ଼ିଭଡ଼ା ଟଙ୍କା ପ୍ରଦାନ ଦାବି

# ଉପଜିଲାପାଳଙ୍କୁ ସୂର୍ଯ୍ୟସେନାର ଦାବିପତ୍ର

**ବ୍ରହ୍ମପୁର ଅଫିସ,୭।୧**

କୁକୁଡାଖଣ୍ଡି ବ୍ଲକ ଅଞ୍ଚଳର ଚାଷୀଙ୍କୁ ମଣ୍ଡିରୁ ମିଲକୁ ଧାନ ନେବା ବାବଦକୁ ଗାଡିଭଡା ଟଙ୍କା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ସ୍ୱର୍ଯ୍ୟ ସେନା ପକ୍ଷରୁ ମଙ୍ଗଳବାର ଉପଜିଲାପାଳଙ୍କ ଜରିଆରେ ଜିଲାପାଳ, ଜିଲା ଯୋଗାଣ ନିରୀକ୍ଷକ, ଦକ୍ଷିଣାଞ୍ଚଳ ରାଜସ୍ୱ ନିରୀକ୍ଷକ, କୃଷି ମନ୍ତ୍ରଣାଳୟ, ମୁଖ୍ୟ ଶାସନ ସଚିବ, ଲୋକ ସେବା ଭବନକୁ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ଚାଷୀଙ୍କୁ ମଣ୍ଡିରୁ ମିଲକୁ ଧାନ ନେବା ବାବଦକୁ ଗାଡିଭଡା ଟଙ୍କା ପ୍ରଦାନ କରାଯାଉଥିଲା । କିନ୍ତୁ ବର୍ତ୍ତମାନ ଚାଷୀଙ୍କୁ ଏହି ଟଙ୍କା ପ୍ରଦାନ କରାଯାଉ ନ ଥିବା ବେଳେ ଚାଷୀଙ୍କ ପ୍ରଦାନ କରିବା ନାଁରେ କୋଟି କୋଟି ଟଙ୍କା ବିଭାଗୀୟ ଅଧିକାରୀମାନେ ଆତ୍ମସାତ କରିଥିବା ସଂଗଠନ ଅଭିଯୋଗ କରିଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଚାଷୀଙ୍କୁ ପୁନଶ୍ଚ ଗତ ୩ବର୍ଷର ଗାଡି ଭଡା ଟଙ୍କା ପ୍ରଦାନ କରାଯିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସୂର୍ଯ୍ୟସେନା ଦାବି କରିଛି । ଦାବିପତ୍ର ପ୍ରଦାନ ବେଳେ ସୂର୍ଯ୍ୟସେନା ରାଜ୍ୟ ସଭାପତି ବଳରାମ ବାବା, ଚନ୍ଦନ ମହାରଣା, ସୁଶାନ୍ତ ବିଷୋୟୀ, ଟି. ଫକୀର ପାତ୍ର, ଭଗବାନ ଗୌଡ, ପି. ଭୀମରାଜୁ ପାତ୍ର, ଜୀବନ ପାତ୍ର, ମଧୁସୂଦନ ସାହୁ ଓ ସନାତନ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ ।



ଦାବିପତ୍ର ପ୍ରଦାନ ଅବସରରେ ଉପଜିଲାପାଳ କାର୍ଯ୍ୟାଳୟରେ ସୂର୍ଯ୍ୟସେନା କର୍ମକର୍ତ୍ତା ।

# ସମଷ୍ଟି ସାହିତ୍ୟାନୁଷ୍ଠାନର ଲୋକାର୍ପଣ ଉତ୍ସବ


କବି ତଥା କୁକୁଡାଖଣ୍ଡି ବିଡିଓ ଗଦାଧର ପାତ୍ର ଓ ଅନ୍ୟ ମଞ୍ଚାସୀନ ଅତିଥି ।

**ବ୍ରହ୍ମପୁର ଅଫିସ,୭।୧**

ସମଷ୍ଟି ସାହିତ୍ୟାନୁଷ୍ଠାନର ଲୋକାର୍ପଣ ଉତ୍ସବ ମା' ସାମଳାଇପୀଠ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । କବି ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁକୁଡାଖଣ୍ଡି ବିଡିଓ ତଥା ସାହିତ୍ୟିକ ଗଦାଧର ପାତ୍ର ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଡ. ହୃଷୀକେଶ ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ପ୍ରଫେସର ଅରବିନ୍ଦ ପଣ୍ଡା, ପ୍ରାଧ୍ୟାପକ କୈଳାସ ନାଥ ସ୍ୱାଇଁ, ଅଧ୍ୟାପକ ସଞ୍ଜୟ କୁମାର ଷଡ଼ଙ୍ଗୀ ଅଧ୍ୟାପିକା ବିଷ୍ଣୁପ୍ରିୟା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । କବି ରତ୍ନାକର ସୀୟ, ଅନୁଷ୍ଠାନ ସଭାପତି ବୁଲୁ ବେହେରା, ସଂଯୋଜକ ଯୁଗଳ ଚନ୍ଦ୍ର ସାହୁ, ତ୍ରିନାଥ ବେହେରା, ସଂଯୋଜିକା ଫାଲ୍ଗୁନୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ଅନୁଷ୍ଠାନ ଗଠନର ଆଭିମୁଖ୍ୟ ସମ୍ପର୍କରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । କଟକର ଯୁବକବି ଫ୍ରାନ୍ସିସ୍ ଶତପଥୀ, ଆଶୁତୋଷ ପ୍ରସାଦ ମଲ୍ଲିକଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନର ୪୫ ଯୁବକବୟିତ୍ରୀ ଓ କବି ଯୋଗ ଦେଇଥିଲେ। ଏହାବ୍ୟତୀତ ଗଞ୍ଜାମ, ଗଜପତି, ପୁରୀ, କଟକ ଓ କନ୍ଧମାଳ ଅଞ୍ଚଳର ୧୦ ଯୁବକବି ନିଜସ୍ୱ କବିତା ପାଠ କରିଥିଲେ। କନ୍ଧମାଳ ଜିଲାର କୁଇଭାଷା କବିତା ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ସମ୍ମାନିତ କବି ପ୍ରଦୀପ କୁମାର କଅଁର କୁଇ ଭାଷା କବିତା ଆବୃତ୍ତି ବେଶ ଆକର୍ଷଣୀୟ ଥିଲା । ଏହି ଅବସରରେ କବି ଲଡୁକିଶୋର ବିଷୋୟୀ, କବୟିତ୍ରୀ ନଳିନୀପ୍ରଭା ମିଶ୍ର ଏବଂ ପରିବେଶବିତ୍ ଏ.ବ୍ରହ୍ମାନନ୍ଦ ଆଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଚିନ୍ମୟ ରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ସିଏଏ ସପକ୍ଷରେ ଭାଜପାର ଶୋଭାଯାତ୍ରା

**ସୋରଡ଼ା,୭।୧(ଡି.ଏନ.ଏ.)**

ନାଗରିକ ସଂଶୋଧନ ଆଇନକୁ ସମର୍ଥନ କରିବା ଏବଂ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ସୋରଡ଼ା ଭାଜପା ପକ୍ଷରୁ ମଙ୍ଗଳବାର ଜନସଚେତନତା ଶୋଭାଯାତ୍ରା ଶୁଭାରମ୍ଭ ହୋଇଛି। ଭାଜପା ନେତା ନୀଳମଣି ବିଷୋୟୀଙ୍କ ତତ୍ତ୍ୱାବଧାନରେ ବଡ଼କାଳି ମନ୍ଦିର ପରିସରରେ ଆୟୋଜିତ ସଭାରେ ନିର୍ବାଚନ ମଣ୍ଡଳୀର ଭାଜପା ସମର୍ଥକମାନେ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଏହି ଆଇନ ଅନୁଯାୟୀ ନାଗରିକତ୍ୱ ପ୍ରଦାନ କରାଯିବ, ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନରେ ଅତ୍ୟାଚାରିତ ହେଉଥିବା, ସେଠାରୁ ପଳାୟନ କରି ଭାରତକୁ ଆଶ୍ରୟ ପାଇଁ ଆସିଥିବା ଶରଣାର୍ଥୀମାନଙ୍କୁ ନାଗରିକତ୍ୱ ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ବିଷୋୟୀ ଏଥିରେ ସଭାପତିତ୍ୱ କରିଥିବା ବେଳେ ନଗର ଭାଜପା ସଭାପତି ଭି.ଜଗଦୀଶ ରାଜୁ, ଯୁବନେତା ହରିହର ପଣ୍ଡା, ଗୋବିନ୍ଦ ପାଢ଼ୀ, ସୁରୀ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜୟରାମ ପାତ୍ର, ରାଧାମୋହନ ସ୍ୱାଇଁ, କୈଳାସ ପଣ୍ଡା, ସୁବାସ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ସମର୍ଥକ, କର୍ମୀ, ଜନସାଧାରଣ, ଯୁବଗୋଷ୍ଠୀମାନେ ଏହି ଆଇନ ଉପରେ ନିଜେ ଜାଣିବା ଏବଂ ଅନ୍ୟମାନଙ୍କୁ ଜଣାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଷୋୟୀଙ୍କ ସମେତ ସମର୍ଥକମାନେ ବିଭିନ୍ନ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। କ୍ରମାନ୍ୱୟ ଭାବେ ଦଳ ପକ୍ଷରୁ ସବୁ ପରିବାରକୁ ଭେଟି ସଚେତନ କରାଯିବ ବୋଲି ବିଷୋୟୀ କହିଥିଲେ। ଏଥିରେ ଦଳର ସମସ୍ତ ମଣ୍ଡଳ ସଭାପତି, ଯୁବଗୋଷ୍ଠୀ ଯୋଗ ଦେଇଥିଲେ।

## ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ମାସେ ପରେ ଅପମୃତ୍ୟୁ ହେଲା ହତ୍ୟା ମାମଲା

**ବ୍ରହ୍ମପୁର ଅଫିସ,୭।୧**

ଗୋଷାଣୀନୂଆଗାଁ ଥାନାରେ ରୁଜୁ ହୋଇଥିବା ଏକ ଅପମୃତ୍ୟୁ ମାମଲା ଏବେ ହତ୍ୟା ମାମଲାରେ ରୂପାନ୍ତରିତ ହୋଇଛି। ପୋଲିସ ନଂ.୧/୨୦ରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଛି ବୋଲି ଥାନାଧିକାରୀ ସୁମିତ କୁମାର ସୋରେନ ସୂଚନା ଦେଇଛନ୍ତି। ହତ୍ୟାର ଶିକାର ହୋଇଥିବା ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ପୋଲିସ ପାଇଁ ଏହା ଏକ ବଡ ଚାଲେଞ୍ଜ ହୋଇଛି। ଘଟଣାର ମାସକ ପରେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟରେ ଏହା ଏକ ହତ୍ୟା ମାମଲା ବୋଲି ଦର୍ଶାଯାଇଥିଲା। ତାହାକୁ ଆଧାର କରି ପୋଲିସ ହତ୍ୟାକାରୀଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତି କରିଛି। ଘଟଣା ଦିନ ପୋଲିସର ହସ୍ତଗତ ହୋଇଥିବା କେତେକ ତଥ୍ୟକୁ ଆଧାର କରି ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଥିବା ଜଣାପଡିଛି। ମୃତ ଯୁବକ ଜଣକ କେଉଁଠୁ ଆସିଥିଲେ ଏବଂ ତାଙ୍କୁ କିଏ ଓ କାହିଁକି ହତ୍ୟା କଲେ ସେ ନେଇ ପୋଲିସ ଏବେ ତନାଘନା ଚଳାଇଛି।

ଘଟଣାରୁ ପ୍ରକାଶ, ଗଞ୍ଜାମ ଜିଲା ବ୍ରହ୍ମପୁର ଖଜୁରିଆ ଜାତୀୟ ରାଜପଥ କଡରେ ଥିବା ଏକ ବୁଦାମୂଳରୁ ଗୋଷାଣୀନୂଆଗାଁ ପୋଲିସ ଗତ ଡିସେମ୍ବର ୪ରେ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଥିଲା। ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ (୩୫) ହେବ ବୋଲି ପୋଲିସ କହିଥିଲା। ମୃତଦେହ ଜବତ କରି ନଂ.୧୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ମୃତଦେହ ପଞ୍ଚନାମା ବେଳେ ଯୁବକଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ଜାଗାରେ କ୍ଷତଚିହ୍ନ ରହିଥିବା ପୋଲିସ ଦେଖିବାକୁ ପାଇଥିଲା। ଏଣୁ ଯୁବକଙ୍କୁ ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ସନ୍ଦେହ କରୁଥିଲା। ଯୁବକଙ୍କୁ ଅନ୍ୟ କେଉଁଠାରେ ହତ୍ୟାକରିବା ପରେ ଦୁର୍ବୃତ୍ତମାନେ ଜାତୀୟ ରାଜପଥ ଖଜୁରିଆ ବାଇପାସ୍ ନିକଟ ଏକ କିଆରିରେ ଫୋପାଡ଼ି ଦେଇଥିଲେ ବୋଲି ପୋଲିସ ସେହି ସମୟରେ ସନ୍ଦେହ କରିଥିଲା। ଅନ୍ୟପଟେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଏହା ଅପମୃତ୍ୟୁ ନା ହତ୍ୟା ତାହା ସ୍ପଷ୍ଟ ହୋଇଯିବ ବୋଲି ଥାନାଧିକାରୀ ସୁମିତ କୁମାର ସୋରେନ କହିଥିଲେ।

# ପଥର କ୍ୱାରି କଲେ ଆତ୍ମହତ୍ୟା କରିବୁ

ଚନ୍ଦ୍ରଗିର,୭।୧

ପଥର କ୍ୱାରୀ କଲେ ଆତ୍ମହତ୍ୟା କରିବୁ। ଏଭଳି ଚେତାବନୀ ଦେଇଛନ୍ତି ମୋହନା ତହସିଲ ବାଘମାରୀ ପଞ୍ଚାୟତର ପେଜପାଣୀ, ଫଟାଚାଞ୍ଚଡା ଓ ସର୍ଗୀସାହି ଗ୍ରାମବାସୀ। ସୂଚନାଯୋଗ୍ୟ ଯେ, ଫଟାଚାଞ୍ଚଡା ମୌଜା ଖାତା ନଂ.୧୮ ପ୍ଲଟ ନମ୍ବର ୧୭୨ରେ ୧.୮୦୦ହେକ୍ଟର ପର୍ବତ କିସମ ଜମିକୁ ଦୀର୍ଘମିଆଦି ଲିଜ୍ ସୂତ୍ରରେ ୨୦୧୭-୧୮ରୁ ୨୧-୨୨ ପର୍ଯ୍ୟନ୍ତ ଲିଜ ଦେବା ପାଇଁ ମୋହନା ତହସିଲରୁ ଏହି ତିନି ଖଣ୍ଡ ଗ୍ରାମବାସୀଙ୍କୁ ଅବଗତ କରାଇବାକୁ ବାଘମାରୀ ପଞ୍ଚାୟତକୁ ଚିଠି କରାଯାଇଥିଲା। ପଞ୍ଚାୟତ କାର୍ଯ୍ୟାଳୟରୁ ଚିଠି କରି ଉକ୍ତ ୩ ଗ୍ରାମବାସୀଙ୍କୁ ଜଣାଇ ଦିଆଯାଇଥିଲା। ୮ ମାର୍ଚ୍ଚ ୨୦୧୯ରେ ଫଟାଚାଞ୍ଚଡାରେ ଗ୍ରାମସଭା ବୈଠକ ବସି ପଥର କ୍ୱାରି ନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏବିଷୟରେ ସରପଞ୍ଚ, ଚନ୍ଦ୍ରଗିରି ଆର୍‌ଆଇ, ମୋହନା ତହସିଲଦାର ତଥା ଗଜପତି ଜିଲାପାଳଙ୍କୁ ମଧ୍ୟ ପଞ୍ଚାୟତ ଜରିଆରେ ଜଣାଇ ଦିଆଯାଇଥିଲା। ମାତ୍ର ୩ ଜାନୁୟାରୀ ୨୦୨୦ରେ ଜଣେ କ୍ରସର ମାଲିକଙ୍କ ସହ ମୋହନା ତହସିଲଦାର କଲ୍ୟାଣୀ ସଙ୍ଘମିତ୍ରା ଦେବୀ ଓ ପୋଲିସ ଫୋର୍ସଙ୍କ ଉପସ୍ଥିତିରେ ଉକ୍ତ ଜମିରେ ସିମେଣ୍ଟ ଖୁଣ୍ଟ ପୋତୁଥିବା ଦେଖି ଗ୍ରାମବାସୀ ବିରୋଧ କରିଥିଲେ। ପୁଣି ସୋମବାର ବାଘମାରୀ ପଞ୍ଚାୟତ ନାଏବ ସରପଞ୍ଚ ମାଥ୍ୟୁ ଶବର, ବଳରାମ ନାୟକ, ଲୁହୁରି ଶବର, ବାସିନୀ ମହାଙ୍କୁଡ଼, ବାଳକୃଷ୍ଣ ନାୟକ, ପ୍ରଭାକର ନାୟକ ପ୍ରମୁଖଙ୍କ ସହ ସେହି ଅଞ୍ଚଳର ମହିଳା ଓ ପୁରୁଷ ଏକାଠି ହୋଇ ପେଜପାଣୀ ଗ୍ରାମ ରାସ୍ତାରେ ବିକ୍ଷୋଭ କରିଥିଲେ।


ଗ୍ରାମବାସୀ ବିକ୍ଷୋଭ କରୁଛନ୍ତି।

- ପ୍ରତିବାଦରେ ବିକ୍ଷୋଭ
- ଜନପ୍ରତିନିଧି, ପ୍ରଶାସନକୁ ପୁଣି ଜଣାଇବେ

ସ୍ଥାନୀୟ ଜନସାଧାରଣଙ୍କ କହିବା ପ୍ରକାରେ ସେଠାରେ ବାଲ୍ୟ ଠାକୁରାଣୀ ଦେବୀ ଅଛନ୍ତି। ଆମେ ତାଙ୍କୁ ପୂଜା କରିଆସୁଛୁ। ଆମ୍ୱ, ପଣସ, କାଜୁ, ସପୁରି, କାଠକନ୍ଦା, ଜନା, ମାଣ୍ଡିଆ ଭଳି ବିଭିନ୍ନ ପ୍ରକାର ଫଳମୂଳ ଚାଷ କରି ଆମେ ପରିବାର ପ୍ରତିପୋଷଣ କରୁଛୁ। ଏଠାରେ ଯଦି ପଥର କ୍ୱାରୀ ହେଲେ ଜୀବନଜୀବିକା ଚାଲିଯିବ। ଏନେଇ ପୁଣି ତହସିଲଦାରଙ୍କ ଠାରୁ ଆରମ୍ଭ କରି ଜିଲାପାଳ, ବିଧାୟକ ତଥା ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅନୁରୋଧ କରିବୁ। ଯଦି କେହି ନ ଶୁଣିବେ ତେବେ ଆମେ ଆତ୍ମହତ୍ୟା କରିବୁ, ଆମ ମୃତ୍ୟୁ ପାଇଁ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି।

ଏନେଇ ବାଘମାରୀ ସରପଞ୍ଚ ବୃନ୍ଦାବତୀ ଶବର କହିଛନ୍ତି, ପଥର କ୍ୱାରିକୁ ସ୍ଥାନୀୟ ଲୋକେ ବିରୋଧ କରୁଥିବା ପ୍ରଶାସନକୁ ଜଣାଇଦିଆଯାଇଛି। ତଥାପି କ୍ୱାରି କରିବାକୁ ଆସିଛନ୍ତି। ମାତ୍ର ସରପଞ୍ଚ ହିସାବରେ ମଧ୍ୟ ମୋତେ ଜଣାଇନାହାନ୍ତି। ବିରୋଧ ସତ୍ତ୍ୱେ ଏପରି ପଦକ୍ଷେପକୁ ମୁଁ ନିନ୍ଦା କରୁଛି ବୋଲି କହିଛନ୍ତି।

## ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପଡ଼ିବା ଘଟଣା ସମ୍ପାଦକଙ୍କ ନାଁରେ ଏତଲା

ବୁଗୁଡ଼ା,୭।୧(ଡି.ଏନ.ଏ.)

ବୁଗୁଡ଼ା ସେବା ସମବାୟ ସମିତି କାର୍ଯ୍ୟାଳୟରେ ଦୀର୍ଘଦିନ ହେଲା ତାଲା ପଡ଼ିବା ଘଟଣାରେ ମଙ୍ଗଳବାର ସମ୍ପାଦକଙ୍କ ନାଁରେ ବୁଗୁଡ଼ା ଥାନାରେ ଅଭିଯୋଗ ହୋଇଛି। ବ୍ରହ୍ମପୁର ସେବା ସମବାୟ ସମୂହ ଉପନିବନ୍ଧକ ବିଶ୍ୱ ରଞ୍ଜନ ଦାଶଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ଏଆର୍‌ସିଏସ୍ ବିଜୟ ଚନ୍ଦ୍ର ଦାଶ ଏହି ଏତଲା ଦେଇଥିଲେ। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ପ୍ରକାଶ ଯେ, ମୋଟାବାଡ଼ି ସେବା ସମିତିରେ ଥିବା ସମ୍ପାଦକ ଦୀର୍ଘଦିନ ହେଲା କାର୍ଯ୍ୟାଳୟରେ ତାଲା ପକାଇ ଦାୟିତ୍ୱ ହସ୍ତାନ୍ତର ନ କରି ଚାଲି ଯାଇଛନ୍ତି। ପ୍ରାୟ ବର୍ଷେ ହେଲା ଉକ୍ତ କାର୍ଯ୍ୟାଳୟରେ ତାଲା ପଡ଼ିବା ଫଳରେ ଚାଷୀମାନଙ୍କ ନାମ ପଞ୍ଜୀକରଣ, ଋଣ ପ୍ରଦାନ ନ ହେବା, ମଣ୍ଡି ନ ଖୋଲିବା ଆଦି ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ସମବାୟ ପ୍ରଶାସନ ପକ୍ଷରୁ ବାରମ୍ବାର ଚେଷ୍ଟା କଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିଲା। ମଣ୍ଡି ଖୋଲା ନ ଯିବା ଓ କାର୍ଯ୍ୟାଳୟରେ ତାଲା ପଡ଼ିବା ପ୍ରତିବାଦରେ ନିକଟରେ ଚାଷୀମାନେ ଧାରଣା ଦେଇଥିଲେ। ଏ ନେଇ ବିଭିନ୍ନ ଖବର କାଗଜରେ ପ୍ରକାଶ ପାଇବା ପରେ ବିଡିଓ ତନ୍ମୟ ପାତ୍ର ସେଠାରେ ପହଞ୍ଚି ପଞ୍ଚାୟତ କାର୍ଯ୍ୟାଳୟରେ ମଣ୍ଡି ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### ଭଲିବଲ ଟୁର୍ଣ୍ଣାମେଣ୍ଟ ପିଟର ମୋହନା, ଗୋଳାବନ୍ଧ ବିଜୟୀ

ଛତ୍ରପୁର,୭।୧(ଡି.ଏନ.ଏ)- ଛତ୍ରପୁର ଷ୍ଟାଡିୟମରେ ସନ୍ ରାଇଜ୍ ସ୍ପୋର୍ଟସ କ୍ଲବ ପକ୍ଷରୁ ଚାଲିଥିବା ଭଲିବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ ମଙ୍ଗଳବାର ୨ଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ରୟାଲ ସିକ୍ସ ଟିମ୍‌କୁ ୨-୦ ସେଟ୍‌ରେ ହରାଇ ସେଣ୍ଟ ପିଟର ମୋହନା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ କୁରୁକ୍ଷେତ୍ର ମୋହନା ଟିମ୍‌କୁ ୨-୦ ସେଟ୍‌ରେ ପରାଜିତ କରି ଗୋଳାବନ୍ଧ ଟିମ୍ ବିଜୟୀ ହୋଇଛି। ଗୋବିନ୍ଦ, ଗୋପି, ରବି , ରାଜେଶ ଓ ଜି. ଜୟରାମ ରେଡ୍ଡୀ, ପି. ଚନ୍ଦ୍ରଶେଖର ରେଫରି ଭାବେ ଖେଳ ପରିଚାଳନା କରିଥିଲେ। କମିଟିର ରଜନୀକାନ୍ତ ପଟ୍ଟନାୟକ, ସମୀର ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ପାତ୍ର, ଗୋବିନ୍ଦ ନାୟକ, ପ୍ରକାଶ ସେଠୀ ପରିଚାଳନରେ ସହଯୋଗ କରିଥିଲେ।

### ୯ରେ ଗଞ୍ଜାମ ଆସିବେ ବିଧାନସଭା ହାଉସ୍ କମିଟି

ଛତ୍ରପୁର,୭।୧(ଡି.ଏନ.ଏ)-ଓଡିଶା ବିଧାନସଭାର ହାଉସ କମିଟି ଆସନ୍ତା ୯ରେ ଗଞ୍ଜାମ ଜିଲା ଗସ୍ତରେ ଆସିବେ। ଏହି ଅବସରରେ ବ୍ରହ୍ମପୁରସ୍ଥିତ ଆର୍‌ଡିସି ସମ୍ମିଳନୀ ଗୃହରେ ଦକ୍ଷିଣାଞ୍ଚଳସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ବୁକ୍ ସାର୍କୁଲାର-୪୭ର କାର୍ଯ୍ୟକାରୀ ଉପରେ ଆଲୋଚନା ହେବ। ବୈଠକରେ ଆର୍‌ଡିସି, ଆଇଜି, ଡିଆଇଜି ଏବଂ ଦକ୍ଷିଣାଞ୍ଚଳ ଡିଭିଜନର ଜିଲାପାଳ ଓ ଏସପିମାନେ ଉପସ୍ଥିତ ରହିବେ।

### ମାର୍‌ପିଟ ମାମଲା, ୨ ଗିରଫ

ଆସିକା,୭।୧(ଡି.ଏନ୍.ଏ.): ଆସିକା ଏନଏସି ସୁନାମ୍ଧ ସାହିରେ ଘଟିଥିବା ଏକ ମାରପିଟ ମାମଲାରେ ପୋଲିସ ମଙ୍ଗଳବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସୁଶାନ୍ତ ପାତ୍ର ଓ ବଳରାମ ଗୌଡ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଗତ ୧୫ ତାରିଖରେ ଅଭିଯୁକ୍ତମାନେ ସୁନାମ୍ଧ ସାହିର ଜଣେ ବ୍ୟକ୍ତିଙ୍କୁ ମାରପିଟ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ନଂ.୪୮୫/୧୯ରେ ଏକ ମାମଲା ରୁଜୁ କରାଯାଇଥିଲା।

# ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଛତ୍ରପୁର,୭।୧(ଡି.ଏନ.ଏ)

## ଡୁଡା ସମୀକ୍ଷା ବୈଠକ

ଗଞ୍ଜାମ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡୁଡା)ର ଏକ ସମୀକ୍ଷା ବୈଠକ ମଙ୍ଗଳବାର ଛତ୍ରପୁରସ୍ଥିତ ସମଗ୍ର ଶିକ୍ଷା ଅଭିଯାନ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡୁଡାର ପିଡି ସୁଦାମ ଚରଣ ମଣ୍ଡଳ ଅଧ୍ୟକ୍ଷତା କରିଥିଲେ। ସମସ୍ତ ସହରାଞ୍ଚଳୱାରୀ ଷ୍ଟ୍ରିଟ୍ ଲାଇଟ୍, ପାନୀୟ ଜଳ, ବର୍ଜ୍ୟବସ୍ତୁ ପରିଚାଳନା, ବିଭିନ୍ନ ଟିକସ ଆଦାୟ, ପ୍ରକଳ୍ପ ନିର୍ମାଣ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଏସବୁ କାର୍ଯ୍ୟ ସାରିବାକୁ ପିଡି ନିର୍ଦ୍ଦେଶ ଦେଇଛନ୍ତି। ୧୫ ତାରିଖ ସୁଦ୍ଧା ସମସ୍ତ ସହରାଞ୍ଚଳ ହୋଲ୍ଡିଂ, ଟ୍ରେଡ୍ ଟିକସ ଅତିକମ୍‌ରେ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ କରିବାକୁ କୁହାଯାଇଛି। ସହରାଞ୍ଚଳରେ ପାନୀୟ ଜଳ ଯୋଗାଣ ଲକ୍ଷ୍ୟ ପୂରଣ ଉପରେ ଧ୍ୟାନ ଦିଆଯିବ। ଜନସ୍ୱାସ୍ଥ୍ୟ ବିଭାଗ ସହ ସମନ୍ୱୟ ରଖି କାମ କରିବାକୁ ପଡିବ। ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟ ୧୫ ତାରିଖ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ ସହରାଞ୍ଚଳର ନିର୍ବାହୀ ଅଧିକାରୀ ଏହାକୁ ଗୁରୁତ୍ୱ ଦେଇ କାମ କରିବେ। ସହରାଞ୍ଚଳରେ ବସ୍ତି ବାସିନ୍ଦାଙ୍କୁ ଜମି ଅଧିକାର ଦେଇ ଘର ନିର୍ମାଣ କରାଯାଉଛି। ବୈଠକରେ ଏହାର ଅଗ୍ରଗତି ସମୀକ୍ଷା କରାଯିବା ସହ ବାକିଥିବା କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଯନ୍ତ୍ରୀମାନଙ୍କ କାର୍ଯ୍ୟର ଅଗ୍ରଗତି ସମୀକ୍ଷା ହୋଇଥିଲା। ବୈଠକରେ ସମସ୍ତ ସହରାଞ୍ଚଳର ନିର୍ବାହୀ ଅଧିକାରୀ, ଯନ୍ତ୍ରୀ ଓ ଅନ୍ୟମାନେ ଯୋଗ ଦେଇଥିଲେ।


ବୈଠକରେ ଉପସ୍ଥିତ ଡୁଡା ପିଡି ଓ ଅନ୍ୟମାନେ ।

## ରନ୍ଧାମଦ ଜବତ : ୪ ଗିରଫ

ଆସିକା,୭।୧(ଡି.ଏନ୍.ଏ.): ଆସିକା ଥାନା ଇଲାକାରେ ସୋମବାର ରାତି ଓ ମଙ୍ଗଳବାର ସକାଳେ ପୋଲିସ ପକ୍ଷରୁ ଚଢାଉ କରାଯାଇ ଭାଟିରୁ ୪୦୦ ଲିଟର ରନ୍ଧାମଦ ଜବତ କରାଯାଇଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଡୁମ୍ବାଠେଙ୍ଗା ପଲ୍ଲୀ ଏରୋଗୋଲା ବସାର କେ. ଧନ, ଡାକବଙ୍ଗଳା ଏରୋଗୋଲା ବସାର ଏମ. ଦୁର୍ଗା, ପାକଲାପଲ୍ଲୀ ଏରୋଗୋଲା ବସାର ଜେ. ଶଙ୍କର ରାଜୁ ଓ ସନ୍ତୋଷୀମା ମନ୍ଦିରର ଏରୋଗୋଲା ବସାର ଏ. ରମେଶ। ଏ ନେଇ ପୃଥକ ୪ ମାମଲା (ନଂ. ୭, ୮, ୯, ୧୦/୨୦) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

## ଗୌତମ ସ୍ମାରକୀ ଟୁର୍ଣ୍ଣାମେଣ୍ଟ: ହିଞ୍ଜିଳିକାଟୁ ବିଜୟୀ

ହିଞ୍ଜିଳିକାଟୁ,୭।୧(ଡି.ଏନ୍.ଏ.)

ହିଞ୍ଜିଳିକାଟୁ କଲେଜ ଷ୍ଟାଡିୟମରେ ଚାଲିଥିବା ଗୌତମ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଋଷିକୁଲ୍ୟା କ୍ରିକେଟ କ୍ଲବ ଆସିକା, ରୟାଲ କ୍ରିକେଟ କ୍ଲବ ହିଞ୍ଜିଳିକାଟୁ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୭୯ରନରେ ରୟାଲ କ୍ରିକେଟ କ୍ଲବ ହିଞ୍ଜିଳିକାଟୁ ବିଜୟୀ ହୋଇଛି। ଟସ୍ ଜିତି ଆସିକା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ହିଞ୍ଜିଳିକାଟୁ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ୍ ହରାଇ ୨୬୩ ରନ୍ କରିଥିଲା। କେଶବ ମହାରଣା ୪୫ ବଲରୁ ସର୍ବାଧିକ ୭୯ ରନ୍ କରିଥିଲେ। ଜବାବରେ ଆସିକା ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୮୪ ରନ କରିବାକୁ ସକ୍ଷମ ହୋଇଥିଲା। କେଶବ ମହାରଣାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଛି। ଆମ୍ପାୟାର ଭାବେ ଉମାଶଙ୍କର ସାବତ ଓ ଲକ୍ଷ୍ମୀ ନାରାୟଣ ବିଶ୍ୱାସରାୟ ମ୍ୟାଚ୍ ପରିଚାଳନା କରିଥିଲେ। ରୁଦ୍ର ପାଣିଗ୍ରାହୀ ଦୀପକ ସେଠି, ହୀନ ବେହେରା, ମହେଶ୍ୱର ସେଠୀ, ଜୟଦେବ ଗୌଡ, ଆଲୋକ ଗୌଡ, ଓମ୍ ପାଢୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମଧ୍ୟାହ୍ନଭୋଜନ ଡାଲମାରେ ବିଛା

ହିଞ୍ଜିଳିକାଟୁ,୭।୧(ଡି.ଏନ୍.ଏ.)

## ବିଇଓଙ୍କୁ ଭେଟିଲେ ଅଭିଭାବକ

ହିଞ୍ଜିଳିକାଟୁ ବ୍ଲକ ସାରୁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ମଧ୍ୟାହ୍ନଭୋଜନରେ ବିଛା ବାହାରିଥିବା ଅଭିଯୋଗ ହୋଇଛି। ସ୍କୁଲର ଜଣେ ୮ମ ଶ୍ରେଣୀ ଛାତ୍ରଙ୍କୁ ଡାଲମା ପରଷା ଯିବାବେଳେ ସେଥିରୁ ବିଛା ବାହାରିଥିଲା। କର୍ତ୍ତୃପକ୍ଷ ଉକ୍ତ ଖାଦ୍ୟ ଛାତ୍ରୀଛାତ୍ରଙ୍କୁ ନ ଦେଇ ବିସ୍କୁଟ ଦେଇଥିଲେ। ସ୍କୁଲ ପକ୍ଷରୁ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରାଯାଇଥିଲା। କିନ୍ତୁ ଛାତ୍ରୀଛାତ୍ର ଘରକୁ ଫେରି ଅଭିଭାବକଙ୍କୁ ଜଣାଇବା ପରେ ବହୁ ଅଭିଭାବକ ପୂର୍ବତନ ସରପଞ୍ଚ ସୀମାଞ୍ଚଳ ମହାରଣାଙ୍କ ନେତୃତ୍ୱରେ ମଙ୍ଗଳବାର ବିଇଓ ବସନ୍ତ କୁମାର ପଣ୍ଡାଙ୍କୁ ଅଫିସରେ ଭେଟି ସ୍କୁଲରେ ଅଭିଯୋଗ କରିଛନ୍ତି। ସ୍କୁଲ କମିଟିର ପୁର୍ନଗଠନ ସହ ଶୈକ୍ଷିକ ବାତାବରଣ ପାଇଁ ଦାବି କରିଥିଲେ। ଏଥିର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ବେହେରା, ମାନା ଟ୍ରଷ୍ଟ ପରିଚାଳକ ସୁନିଲ ବାରାକୋଡା, ଅଭିଭାବକ ସୀମାଞ୍ଚଳ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, କାଳୁ ଚରଣ ପାତ୍ର, ଶିବ ଶଙ୍କର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ମାନା ଟ୍ରଷ୍ଟ ପକ୍ଷରୁ ଖାଦ୍ୟ ଆସିଥିବାବେଳେ ରୋଷେଇ ଘରେ ଖାଦ୍ୟରେ ବିଛା ପଡିବା ଘଟଣାକୁ ଟ୍ରଷ୍ଟ କର୍ତ୍ତୃପକ୍ଷ ଅସ୍ୱୀକାର କରିଛନ୍ତି। ତେବେ ଖାଦ୍ୟ ପରଷିବାବେଳେ ସତର୍କତା ଅବଲମ୍ବନ କରିବାକୁ ବିଇଓ କହିଥିଲେ। ତୁରନ୍ତ ଉତ୍ତମ ମାନର ଖାଦ୍ୟ ଯୋଗାଣ ସହ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରିବାକୁ ଅଭିଭାବକ ଚେତାବନୀ ଦେଇଥିଲେ।













1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ